# କଟକ ମହାନଗର ନିଗମ

## ଲାଇସେନସ୍ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟିର ୨୮ତମ ବୈଠକର ବିବରଣୀ

ତା-୦୪-୦୮-୨୦୧୬, ସମୟ ଅପରାହ୍ଣ-୦୩.୦୦ ଘଟିକା

ସ୍ଥାନ-କଟକ ମହାନଗର ନିଗମ

**ଉପସ୍ଥିତ ସଭ୍ୟ/ସଭ୍ୟା**

୧. ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା -ଅଧ୍ୟକ୍ଷ
୨. ସୁଶ୍ରୀ ଇତିଶ୍ରୀ ବେହେରା -ସଭ୍ୟା
୩. ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ-ସଭ୍ୟ
୪. ଶ୍ରୀଯୁକ୍ତ ଜୟଦେବ ଜେନା - ସଭ୍ୟ
୫. ସୁଶ୍ରୀ ନମିତା ଦାସ - ସଭ୍ୟା
୬. ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା - ସଭ୍ୟ

**ଉପସ୍ଥିତ ପଦାଧିକାରୀ**

୧. ଶ୍ରୀଯୁକ୍ତ ମନୋଜ କୁମାର ବେହେରା-ଉପ ଆଯୁକ୍ତ
୨. ଶ୍ରୀ ନୃସିଂହ ଚରଣ ତ୍ରିପାଠୀ-ମୁଖ୍ୟ ସହାୟକ, ଲାଇସେନ୍ସ ବିଭାଗ
୩. ଶ୍ରୀଯୁକ୍ତ ସତ୍ୟ ପ୍ରକାଶ ସାହୁ-କନିଷ୍ଠ ସହାୟକ, ଲାଇସେନ୍ସ ବିଭାଗ
୪. ଶ୍ରୀଯୁକ୍ତ ପ୍ରତାପ କୁମାର ଦାସ- ଲାଇସେନ୍ସ ବିଭାଗ
୫. ଶ୍ରୀଯୁକ୍ତ ରବି ନାରାୟଣ ସାମନ୍ତରାୟ-କନିଷ୍ଠ ସହାୟକ, ଲାଇସେନ୍ସ ବିଭାଗ
୬. ଶ୍ରୀଯୁକ୍ତ ପଂଚାନନ ପାଲ-କନିଷ୍ଠ ସହାୟକ, ଲାଇସେନ୍ସ ବିଭାଗ
୭. ଶ୍ରୀଯୁକ୍ତ ବ୍ରଜ ମୋହନ ମହାପାତ୍ର-କନିଷ୍ଠ ସହାୟକ

ଅଦ୍ୟ ତା ୦୫.୦୮.୨୦୧୬ ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ ନିଗମର ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟିର ୨୮ତମ ବୈଠକ କମିଟିର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଉପସ୍ଥିତ ଥିବା ସଦସ୍ୟ / ସଦସ୍ୟା ତଥା ଅଧିକାରୀ ମାନଙ୍କୁ ସ୍ୱାଗତ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଆଗତ ସହ, କାଉନସିଲର ଅନୁମୋଦନ ନିମନ୍ତେ ସୁପାରିଶ କରାଗଲା ।

୧. ନିଗମ ପକ୍ଷରୁ ମଙ୍ଗଳାବାଗ ବଡ଼ ମେଡ଼ିକାଲ ଅଂଚଳରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଙ୍ଗ ଜୋନକୁ ଯଥାଶିଘ୍ର ବଣ୍ଟନ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୨. ସରକାରୀ ଅନୁଦାନ ମଧରେ ନିଗମ ଅଂଚଳରେ ମାର୍କେଟ କମ୍ପଲେକ୍ସ ନିର୍ମାଣ ସମ୍ପର୍କରେ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ, ଉପ ନିର୍ବାହୀ ଯନ୍ତ୍ରୀ ଏବଂ ସହକାରୀ ଆଇନ ଅଧିକାରୀଙ୍କ ଉପସ୍ଥିତିରେ କମିଟିର ଆସନ୍ତା ବୈଠକରେ ଆଲୋଚନା କରାଯିବା ନିମନ୍ତେ ସ୍ଥିର କରାଗଲା ।

୩. ନିଗମର ରାଣୀହାଟସ୍ଥିତ ୧୯ ନଂ ଦୋକାନଘରର Allotee ପ୍ରଭାତ ନଳିନି ସାହୁ, ୨ ବର୍ଷରୁ ଉର୍ଦ୍ଧହେବ ଭଡ଼ା ଦେଉନଥିବା ଦୃଷ୍ଟିରୁ ତୁରନ୍ତ ତାଙ୍କୁ ଉଚ୍ଛେଦ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୪. ସେହିପରି କଲେଜ ଛକ ପିଲିଗ୍ରୀମ ରୋଡ଼ ସ୍ଥିତ ଦୋକାନ ଗୃହ ନଂ H2 ମୂଳ Allotee ରାଜ କିଶୋର ଜେନାଙ୍କ ଦୋକାନ ଗୃହକୁ ଜନାର୍ଦ୍ଧନ ପତି ନାମକ ଜଣେ ବ୍ୟକ୍ତି ଜୋର ଜବରଦସ୍ତି ମାଡ଼ିବସିଥିବାରୁ ତାଙ୍କ ନାମରେ FIR ଦାୟର କରାଯିବା ସହ ଦୋକାନଘର ଉଚ୍ଛେଦ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୫. ପୂର୍ବରୁ ହୋଡ଼ିଙ୍ଗସ୍ ବାବଦରେ ୧୧ ଜଣଙ୍କ ଅଭିଯୋଗକୁ ଆଧାର କରି ଯେଉଁ Comply file ଦୀର୍ଘଦିନ ହେବ ରହିଛି ଏବଂ DTA ସହିତ ଯେଉଁ Dispute ରହିଛି ତାହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ସ୍ଥିର କରାଗଲା ।

୬. କୁକୁର ଲାଇସେନ୍ସ ବାବଦରେ କଟକ ମହାନଗର ନିଗମ ତୁରନ୍ତ ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୭. ଭୋଲାମିଆଁ ବଜାର ଅଂଚଳକୁ ନିଗମର ସର୍ଭେ ବିଭାଗ ଦ୍ୱାରା Enquiry କରାଯାଇ ଉକ୍ତ ଅଂଚଳରେ ନିଗମ ଜମିକୁ ଜବର ଦଖଲ କରାଯାଇଥିବାରୁ ଉଚ୍ଛେଦ କରାଯିବା ନିମନ୍ତେ ସୁପାରିଶ କରାଗଲା ।

୮. ଯେଉଁ ବିଜ୍ଞାପନ ସଂସ୍ଥାମାନେ ତାଙ୍କର Self Enclosure ରେ ଦେଇଥିବେ, ତାହା ଲାଇସେନ୍ସ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ସୁପାରିଶ କରାଯିବାକୁ ସ୍ଥିର କରାଗଲା ।

ସର୍ବଶେଷରେ ଉପସ୍ଥିତଥିବା ସଦସ୍ୟ/ସଦସ୍ୟା ତଥା ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ ସହ ସଭା ସଂଘ କରଯାଇଥିଲା ।

(ବିକାଶ ରଞ୍ଜନ ବେହେରା)
ଅଧକ୍ଷ
ଲାଇସେନ୍ସ ଆଣ୍ଡ ଷ୍ଟାଣ୍ଡିଙ୍ଗ କମିଟି

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ କମିଶନର / ଡ଼େପୁଟି କମିଶନର / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ-୧ ଓ ୨ / ସେକ୍ରେଟେରୀ / ବସ୍ତି ଉନ୍ନୟନ ଅଧିକାରୀ / ରିକଭରୀ ଅଫିସର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ତା

ଏହାର ଏକ କିତା ନକଲ ନିଗମର ୱେବ ସାଇଟରେ ଛଡ଼ାଯିବାକୁ ଏମ୍.ଆଇ.ଏସ୍. ସେଲ କୁ ପ୍ରଦାନ କରାଗଲା ।

ଉପ ଆୟୁକ୍ତ
କଟକ ମହାନଗର ନିଗମ, କଟକ